# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 05.08.2022 ରିଖ,

ସମୟ- ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍
୨. ଶ୍ରୀମତୀ ମୋନାଲିସା ବେହେରା,
୩. ଶ୍ରୀମତୀ ସୁଚିତ୍ରା ପାତ୍ର,
୪. ଶ୍ରୀ ରଶ୍ମି ରଞ୍ଜନ ପାଟଶାଣୀ,
୫. ଶ୍ରୀ ରାମଚନ୍ଦ୍ର ରଣସିଂହ

ଅଦ୍ୟ ତା 05.08.2022 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ କଲ୍‌ଚର ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଆଚାର୍ଯ୍ୟ ବିହାର ଠାରୁ ସୈନିକ ସ୍କୁଲ୍ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯାଇଥିଲା, ତାହା ବର୍ତ୍ତମାନ ଅବକ୍ଷୟ ହୋଇଗଲାଣି । ତାହାର ପୁନଃଉଦ୍ଧାର କରିବା ପାଇଁ ପରିବେଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁଠାରେ ପାର୍କ ଅଛି, ସମ୍ପୃକ୍ତ ଓ୍ୱାର୍ଡ଼ କର୍ପୋରେଟରଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ସେହି ପାର୍କରେ ବର୍ଷାଦିନ ପୂର୍ବରୁ ଗଛ ଲଗାଇବା ପାଇଁ ପରିବେଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖରେ ସ୍ୱାୟତ ଶାସନ ଦିବସ ସାତ ଦିନ ପାଳନ କରାଯିବା ପାଇଁ ପ୍ରତ୍ୟେକ ଜୋନ୍‌ରୁ ଦକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଲମ୍ ଡ଼େଭେଲପ୍‌ମେଂଟ ଆସୋସିଏସନ୍, ଦଶମ ବୋର୍ଡ଼ ପରୀକ୍ଷାରେ ଭଲ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ପ୍ରକୃତି ବନ୍ଧୁ, ଭୁବନେଶ୍ୱର ମହାନଗର ନିଗମାଂଚଳ ମଧ୍ୟରେ ଥିବା ଗ୍ରାମ ମାନଙ୍କରେ ରହୁଥିବା ବୟସ୍କ ବୃଦ୍ଧ/ବୃଦ୍ଧା ଯାହାଙ୍କର ଭୁବନେଶ୍ୱରର ଅତୀତ ବିଷୟରେ ବିଶେଷ ଜ୍ଞାନ ଥିବ, ଇତ୍ୟାଦି ସେମାନଙ୍କୁ ସମ୍ମାନିତ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମର ଯେଉଁ ୧୦ ଗୋଟି ଓ୍ୱାର୍ଡ଼ ନିଜସ୍ୱ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ କାର୍ଯ୍ୟ ପରିଚାଳିତ ହେଉଅଛି ସେହି ଓ୍ୱାର୍ଡ଼କୁ ଘାସକଟା ଯନ୍ତ୍ର ଯୋଗାଇ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଚଳିତ ବର୍ଷ ସ୍ୱାୟତ ଶାସନ ଦିବସ ପାଳନ ପାଇଁ ଭୁବନେଶ୍ୱର ମହାନଗର ନିଗମର ରିକ୍ରେସନ୍ କ୍ଲବ୍ ସପକ୍ଷରେ ଟ ୫,୦୦,୦୦୦/- (ପାଂଚ ଲକ୍ଷ) ଟଙ୍କା ମାତ୍ର ମଞ୍ଜୁର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 1.10 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/-ମିହିର କୁମାର ରାଉତ
ସଭାପତି
ତା 05.08.2022 ରିଖ